## ମହାନଗର

# ଆଇସିଏଆଇର ବାର୍ଷିକ ଅଧିବେଶନ ପାଇଁ ପରିଚାଳନା କମିଟି



ଭୁବନେଶ୍ୱର,(ଆପ୍ର): ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ୍ ଆକାଉଣ୍ଟାଟ୍‌ସ ଅଫ୍ ଇଣ୍ଡିଆ - ଭୁବନେଶ୍ୱର ଚାପ୍ଟରର ୪୭ତମ ବାର୍ଷିକ ଅଧିବେଶନରେ ଭୁବନେଶ୍ୱର ଶୃଙ୍ଖଳାର ସହିତ ସମ୍ପାଦନ ହୋଇଯାଇଛି । ଉକ୍ତ ବାର୍ଷିକ ଅଧିବେଶନରେ ଭୁବନେଶ୍ୱର ଚାପ୍ଟରର ସଦସ୍ୟମାନଙ୍କ ମଧ୍ୟରୁ ୨୦୦ରୁ ଉର୍ଦ୍ଧ୍ୱ କଷ୍ଟ୍ ଏଣ୍ଡ ମ୍ୟାନେଜ୍‌ମେଣ୍ଟ ଆକାଉଣ୍ଟାଟ୍‌ସମାନେ ଯୋଗ ଦେଇଥିଲେ । ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷ ସି.ଏମ୍.ଏ ବିଭୂତି ଭୂଷଣ ନାୟକ ଓ ପୂର୍ବତନ ସମ୍ପାଦକ ସି.ଏମ୍.ଏ ଜଗତଜ୍ୟୋତି ବିଶ୍ୱରଞ୍ଜନ ନାୟକ ସଂଯୋଜନା କରିଥିଲେ ଏବଂ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ । ବାର୍ଷିକ ଅଧିବେଶନ ସମାପନ ପରେ ପରିଚାଳନା କର୍ମକର୍ତ୍ତାମାନେ ପ୍ରଥମ ବୈଠକରେ ଅଧ୍ୟକ୍ଷ ଭାବେ ସି.ଏମ୍.ଏ. ଶିବପ୍ରସାଦ କର, ଉପାଧ୍ୟକ୍ଷ ତଥା କୋଷାଧ୍ୟକ୍ଷ ଭାବେ ସି.ଏମ୍.ଏ ଉତ୍ତମ କୁମାର ନାୟକ ଏବଂ ସମ୍ପାଦକ ଭାବେ ସି.ଏମ୍.ଏ ଦାମୋଦର ମିଶ୍ରଙ୍କୁ ୨୦୧୬-୧୭ ବର୍ଷ ପାଇଁ ଚୟନ କରିଅଛନ୍ତି ଓ ଅଧ୍ୟକ୍ଷ (ପ୍ରଫେସନାଲ ଡେଭଲପ୍‌ମେଣ୍ଟ୍ ଓ କୋଚିଂ କମିଟି) ଭାବେ ସି.ଏମ୍.ଏ ବିଭୂତି ଭୂଷଣ ନାୟକଙ୍କୁ ଦାୟିତ୍ୱ ନ୍ୟସ୍ତ କରିଅଛନ୍ତି ।